# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୦୭ (ଓଡ଼ିଆ ବୁଲେଟିନ) ସପ୍ତାହ - ୦୪ ତାରିଖ: ୨୪.୦୧.୨୦୨୪

## ବୌଦ୍ଧ

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ପ୍ରଥମ ଦିନ ଆକାଶ ସମ୍ପୂର୍ଣ୍ଣ ମେଘାଚ୍ଛନ୍ନ ରହିବା ସହିତ ସ୍ବଳ୍ପ ବର୍ଷା ହେବାର ମଧ ସମ୍ଭାବନା ରହିଅଛି ଏବଂ ତା'ପର ଦିନଗୁଡାକରେ ପାଗ ମୁଖ୍ୟତଃ ସୁଖିଲା ରହିପାରେ । ଆସନ୍ତା ୫ ଦିନ ମଧରେ ସର୍ବୋଚ୍ଚ ତାପମାତ୍ରା ୨୩ ରୁ ୨୯ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୨ ରୁ ୧୫ ଡିଗ୍ରୀ ସେଣ୍ଟିଗ୍ରେଡ ମଧରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୩% ରୁ ୯୭% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୩% ରୁ ୮୦% ମଧରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧରେ ୫ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ପୂର୍ବ କିମ୍ବା ଦକ୍ଷିଣ ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 25-01-2024 | 26-01-2024 | 27-01-2024 | 28-01-2024 | 29-01-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 10 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 26 | 29 | 29 | 29 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 15 | 15 | 14 | 12 | 12 |
| ସମ୍ପୂର୍ଣ୍ଣ ମେଘ ଆବରଣ(ଓକଟା) | 8 | 4 | 2 | 1 | 1 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 97 | 88 | 79 | 75 | 63 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 80 | 41 | 30 | 26 | 23 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 6 | 6 | 5 | 5 | 5 |
| ପବନ ଦିଗ (ଡିଗ୍ରୀ) | 70 | 90 | 120 | 124 | 150 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୨୮ ଜାନୁଆରୀ ରୁ ୦୩ ଫେବ୍ରୁୟାରୀ, ୨୦୨୪) ଓଡିଶାରେ ବର୍ଷାର ସ୍ଥିତି ସ୍ୱାଭାବିକରୁ କମ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ରହିବାର ସମ୍ଭାବନା ଅଛି ଏବଂ ପ୍ରଚଳିତ ପାଣିପାଗର (ସ୍ବଳ୍ପ ରୁ ମଧମ ଧରଣର ବର୍ଷା ସହିତ ମେଘୁଆ ପାଗ) ଯେଉଁ ସ୍ଥିତି ରହିଅଛି ତାହା ଆସନ୍ତା ଗୋଟେ କିମ୍ବା ଦିଦିନ ଯାଏ ରହିବାର ସମ୍ଭାବନା ଅଛି ତେଣୁ ଚାଷୀ ଭାଇମାନଙ୍କୁ ଜଳସେଚନ , କୌଣସି ପ୍ରକାରର ଔଷଧ କିମ୍ବା ସାରର ପ୍ରୟୋଗ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ଏବଂ ଖେତରେ ଅଧିକ ଜଳ ଜମା ନ ହେବା ପାଇଁ ଜଳ ନିଷ୍କାସନର ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ରବି ଧାନ | ନର୍ସରୀ | ବିଗତ ଦିନଗୁଡାକରେ ହୋଇଥିବା ବର୍ଷାର ଫାଇଦା ଉଠାଇ ଚାଷୀ ଭାଇମାନେ ଉନ୍ନତ ପ୍ରଭେଦ ଯେପରିକି ସ୍ବର୍ଣ୍ଣ, ୧୦୦୧, MTU-୧୧୫୬ ଇତ୍ୟାଦିର ବିହନ ବୁଣା କାର୍ଯ୍ୟ ଜାନୁଆରୀ ମାସ ଭିତରେ ହିଁ ଯଥାଶୀଘ୍ର ସମାପ୍ତ କରନ୍ତୁ । ଆଗକୁ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖଯିବାର ସମ୍ଭାବନା ରହିଅଛି ତେଣୁ ବିହନକୁ ଥଣ୍ଡାର ପ୍ରକୋପରୁ ରକ୍ଷା କରିବା ପାଇଁ ବୁଣିସାରିଲା ପରେ ତଳି ଉପରେ ସୁଖିଲା ଗୋବରର ପତଳା ପରସ୍ତ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି । |
| ସୋରିଷ | ପୁଷ୍ପ ଅବସ୍ଥା | ଆସନ୍ତା ସପ୍ତାହର ପ୍ରଥମ ଦିନରେ ମେଘୁଆ ପାଗ ସହିତ ଝିପି ଝିପି ବର୍ଷା ଲାଗି ରହିବାର ସମ୍ଭାବନା ଅଛି ତେଣୁ ସୋରିଷ ଗଚରେ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ ଏବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଅଛି । |
| ପନିପରିବା | ପୁଷ୍ପ ଏବଂ ଫଳ ଅବସ୍ଥା | ଯଦି ବିଗତ ଦିନ ଗୁଡାକରେ ହୋଇଥିବା ବର୍ଷା ଯୋଗୁଁ ପରିବା ଖେତରେ ଜଳ ଜମା ହେଲା ଭଳି ସ୍ଥିତି ଉପୁଜେ ତେବେ ଖେତରୁ ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରବାକୁ ପରାମର୍ଶ ଦିଆଯାଇଅଛି କାରଣ ପରିବା ଗଛ ମୂଳେ |

| | | |
|---|---|---|
| | | ଜଳ ଜମା ହେବା ଦ୍ବାରା ମୂଳ ସଢ଼ିବାର ମଧ୍ୟ ସମ୍ଭାବନା ରହିଅଛି। |
| ପଶୁପାଳନ | ଆସନ୍ତା ଦିନଗୁଡାକରେ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖାଯିବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ, ଗୁଡ଼ ଇତ୍ୟାଦି ଯୋଗାଇବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ତଥା ଗୁହାଳକୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି)। ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ। | |
| କୁକୁଡ଼ା | ଆଗକୁ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖାଯିବାର ସମ୍ଭାବନା ରହିଅଛି ତେଣୁ କୁକୁଡ଼ା ଫାର୍ମରେ କୁକୁଡ଼ା ଚିଆଁକୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କୃତ୍ରିମ ଆଲୋକୀକରଣର ଉଚିତ ବ୍ୟବସ୍ଥା କରନ୍ତୁ ଏବଂ ଫାର୍ମ ଭିତରକୁ ବର୍ଷା ଜଳ ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। | |

---


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |


---


କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।


ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ। (https://play.gooogle.com/store/apps/details?id=com.aas.meghdoot)

କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ। (https://play.google.com/store/apps/details?id=com.lightening.live.damini)